ପ୍ରେସ ନୋଟ୍

# କରୋନା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ ।

ଅନୁଗୋଳ ୦୭.୦୪ :- ସମ୍ପ୍ରତି କରୋନା ଭୁତାଣୁ ବିଶ୍ୱରେ ତାର ପ୍ରଭାବ ବିସ୍ତାର କରିଥିବା ବେଳେ ଏହାର ମୁକାବିଲା ନିମନ୍ତେ ସରକାର ,ସ୍ୱେଛାସେବୀ ଓ କିଛି ବଦାନ୍ୟ ବ୍ୟକ୍ତି ନିଜ ସଂଚିତ ଅର୍ଥକୁ ମୁଖ୍ୟମନ୍ତ୍ରୀଂକ ରିଲିଫ ପାଣ୍ଠିରେ ଦାନ କରୁଛନ୍ତି । ଶୈଳବାଳା ମିଶ୍ର, ଏନ୍ ଟି ପି ସିର ସେକ୍ସନ ଅଫିସର ଭାବେ କାର୍ଯ୍ୟରତ ଥାଇ ତାଂକର ନିଜର ଦରମାରୁ ୧୦ ହଜାର ଟଂକା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଓ ୧୪ ହଜାର ଟଂକା ସମାଜ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି ଯାହାକି କରୋନା ଭୁତାଣୁକୁ ପ୍ରତିହତ କରିବା ନିମନ୍ତେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଏହି ଅର୍ଥ ଲାଗିବ । ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ବାରଣ୍ଡାରେ ଶୈଳବାଳା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥିଂକୁ ଏହି ଅର୍ଥ ପ୍ରଦାନ କରିଛନ୍ତି । ତାଂକର ଏହି ବଦାନ୍ୟତା ପାଇଁ ଅତିରିକ୍ତ ଜିଲ୍ଲାପାଳ ତାଂକୁ ସାଧୁବାଦ ଜଣାଇଛନ୍ତି ।

